# ମୁକ୍ତେଶ୍ୱର ଉତ୍ସବର ଶେଷ ସନ୍ଧ୍ୟାରେ ଓଡ଼ିଶୀ ରସରେ ଦର୍ଶକ ବିମୁଗ୍ଧ

**ଭୁବନେଶ୍ୱର : ତା ୧୬.୦୧.୨୦୧୮** – ଓଡ଼ିଶା ପର୍ଯ୍ୟଟନ ବିଭାଗ ଦ୍ୱାରା ନିବେଦିତ ତଥା ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ମିଳିତ ସହଯୋଗରେ ମୁକ୍ତେଶ୍ୱର ନୃତ୍ୟ ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଭରପୁର ଦର୍ଶକ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତକୁ ଉପଭୋଗ କରିଥିଲେ । ସଂଧ୍ୟାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଗାୟତ୍ରୀ ଚାନ୍ଦଙ୍କ ଏକକ ନୃତ୍ୟ ପରିବେଷଣରୁ । ତାଙ୍କର ପ୍ରଥମ ପ୍ରସ୍ତୁତିରେ ଥିଲା ଭଗବାନ ଶିବଙ୍କ ଉପରେ ଆଧାରିତ **ମଙ୍ଗଳା ଚରଣ** ଯାହା ରାଗ ପାହାଡ଼ି, ଦରବାରି ଓ ତାଳ ଜତି, ଏକତାଳୀ ଉପରେ ପରିବେଷ୍ଟିତ ଥିଲା । ତାଙ୍କର ଦ୍ୱିତୀୟ ପ୍ରସ୍ତୁତିରେ ଥିଲା ରାମାୟଣରୁ ଉଦ୍ଧୃତ **ନବରଶ** ଯାହା ରାଗ – ରାଗମାଳିକା ଓ ତାଳ – ତାଳମାଳିକା ଉପରେ ନିବଦ୍ଧ ଥିଲା । ବାଦ୍ୟ ଓ ନୃତ୍ୟ ଛନ୍ଦର ମଧୁର ଆଳାପକୁ ଅପୂର୍ବ ନୃତ୍ୟଭଙ୍ଗିରେ ପରିବେଷଣ କରିଥିଲେ ନୃତ୍ୟଶିଳ୍ପୀ ଗାୟତ୍ରୀ ।

ଯୁଗ୍ମ ନୃତ୍ୟ ପର୍ଯ୍ୟାୟରେ ସରିତା ମିଶ୍ର ଓ ମନିଷା ମାନଶ୍ୱିନୀ ପ୍ରଥମେ ରାଗ ହଂସଧ୍ୱନୀ ଏବଂ ତାଳ ଏକତାଳୀରେ **ପଲ୍ଲବୀ** ପରିବେଷଣ କରିଥିଲେ ଯାହାର ସଙ୍ଗୀତ ସଂଯୋଜନା କରିଥିଲେ ପଣ୍ଡିତ ଭୁବନେଶ୍ୱର ମିଶ୍ର ଓ ନୃତ୍ୟ ସଂରଚନା କରିଥିଲେ ଗୁରୁ କେଳୁ ଚରଣ ମହାପାତ୍ର ଏବଂ ପରେ ପରେ ସେମାନଙ୍କର ପ୍ରସ୍ତୁତିରେ ଥିଲା ଓଡ଼ିଆ ଅଭିନୟ **'ମୋହନ ମୁରତି ଛଇ'** ଯାହା ରାଗ ଭୈରବୀ ଓ ତାଳ ଖେମଟା ଉପରେ ପର୍ଯ୍ୟବେଶିତ ଥିଲା । ଏହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ ଓ ସଙ୍ଗୀତ ସଂଯୋଜନା କରିଥିଲେ ଡ଼. ସଙ୍ଗୀତା ଗୋସାଇଁ । ଶିଳ୍ପୀଦ୍ୱୟଙ୍କର ଚମତ୍କାର ପରିବେଷଣରେ ଦର୍ଶକ ମନ୍ତ୍ରମୁଗ୍ଧ ହୋଇଥିଲେ ।

ଅନ୍ତିମ ସଂଧ୍ୟାର ଶେଷ କାର୍ଯ୍ୟକ୍ରମ ଥିଲା ବିଚିତ୍ରାନନ୍ଦ ସ୍ୱାଇଁ ଏବଂ ସାଥୀଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ । ସେମାନଙ୍କର ପ୍ରଥମ ପ୍ରସ୍ତୁତିରେ ଥିଲା ରାଗ ମାଳବଗୌଡ଼ା ଓ ତାଳ ଏକତାଳୀ ଉପରେ ପର୍ଯ୍ୟବେଶିତ **ମଙ୍ଗଳା ଚରଣ** ପରେ ପରେ ସେମାନଙ୍କ ପ୍ରସ୍ତୁତିରେ ଥିଲା **ଚନ୍ଦ୍ରିକା କାମୋଦୀ ପଲ୍ଲବୀ** ଏବଂ ଶେଷରେ ରାଗ ମୋହନା, ଭୈରବୀ ଓ ତାଳ ଏକତାଳୀ ଉପରେ ନିବଦ୍ଧ **ମହାକାଳୀ ସ୍ତୁତି** ପରିବେଷଣ କରି ଦର୍ଶକଙ୍କୁ ବିମୁଗ୍ଧ କରିଥିଲେ । ସେମାନଙ୍କର ସମସ୍ତ ପ୍ରସ୍ତୁତିର ନୃତ୍ୟ ସଂରଚନା କରିଥିଲେ ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ ।

ଅନ୍ତିମ ସନ୍ଧ୍ୟାର ଅତିଥୀମାନେ ଥିଲେ ଯଶଧାରା ରାଏ, ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଡ଼. ନିତିନ୍ ଭାନୁଦାସ ଜାୱଲେ, ପର୍ଯ୍ୟଟନ ବିଭାଗର ଉପ ନିର୍ଦ୍ଦେଶକ ଉତ୍ପଳ କୁମାର ପତି, ଏଞ୍ଜେଲିନା, ଡ଼. ବିଜୟ କୁମାର ଜେନା ଓ ଡ଼. ସଙ୍ଗୀତା ଗୋସାଇଁ । କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ ଡ଼. ଶ୍ରୀନିବାସ ଘଟୁଆରୀ ଓ ଅନୁଜା ତାରିଣୀ ମିଶ୍ର ।

--